ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଦତ୍ତକର୍ମ

# ASSIGNEMNTS

## ସ୍ନାତକୋତ୍ତର ଓଡ଼ିଆରେ କାର୍ଯ୍ୟକ୍ରମ

## Master of Arts in Odia (MAOD)

## Submission Dates

| Course Code | Name of the Course | Date |
| --- | --- | --- |
| MAOD-01 | ପ୍ରାକ୍ ସାରଳା ସାହିତ୍ୟ | Sunday, 10th February 2019 |
| MAOD-02 | ସାରଳା ଓ ପଂଚସଖା ସାହିତ୍ୟ | Sunday, 10th February 2019 |
| MAOD-03 | ମଧ୍ୟଯୁଗୀୟ ଓଡିଆ ସାହିତ୍ୟ | Sunday, 10th February 2019 |
| MAOD-04 | ଭାରତୀୟ କାବ୍ୟତତ୍ତ୍ୱ | Sunday, 10th February 2019 |

# ନିର୍ଦ୍ଦେଶାବଳୀ

ପ୍ରିୟ ବିଦ୍ୟାର୍ଥୀଗଣ,

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଦ୍ୱାରା ପ୍ରସ୍ତୁତ ଏବଂ ପରିବେଷିତ ଓଡ଼ିଆରେ ସ୍ନାତକୋତ୍ତର କାର୍ଯ୍ୟକ୍ରମକୁ ଆପଣମାନଙ୍କୁ ସ୍ୱାଗତ।

ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତିଟି କାର୍ଯ୍ୟକ୍ରମ ପାଇଁ ଆପଣମାନଙ୍କୁ ଗୋଟିଏ ଲେଖାଏଁ ଦତ୍ତକର୍ମ ପ୍ରସ୍ତୁତ କରି ଦାଖଲ କରିବାକୁ ହେବ। ତାହା ଦ୍ୱାରା ନିର୍ଦ୍ଧାରିତ ସମୟରେ ନିରୂପିତ ଅନ୍ତିମ ପରୀକ୍ଷା ଦେବାର ଯୋଗ୍ୟତା ଆପଣମାନେ ଅର୍ଜନ କରିପାରିବେ। ଏସବୁ ଦତ୍ତକର୍ମ ଆପଣମାନଙ୍କ ପଠନକେନ୍ଦ୍ରର ପରାମର୍ଶଦାତାମାନଙ୍କ ଦ୍ୱାରା ମୂଲ୍ୟାୟନ କରାଯିବ । ତେଣୁ ଆପଣମାନେ ଏହାକୁ ନିଜ ପଠନ କେନ୍ଦ୍ରର ସଂଯୋଜକଙ୍କ ନିକଟରେ ଦାଖଲ କରିବାକୁ ଚେଷ୍ଟା କରିବେ। ଦତ୍ତକର୍ମର ଉତ୍ତର ଲେଖିବା ପୂର୍ବରୁ ପାଠ୍ୟ ବିଷୟବସ୍ତୁ ଉପରେ ଅତ୍ୟନ୍ତ ମନଯୋଗୀ ଦୃଷ୍ଟି ରଖନ୍ତୁ। ଏଥି ସଂପର୍କିତ ନିର୍ଦ୍ଦେଶାବଳୀକୁ ପାଠକରନ୍ତୁ। ଆପଣମାନଙ୍କ ନିକଟରେ ଉପଲବ୍ଧ ପାଠ୍ୟଉପକରଣ କିମ୍ବା ସେଭଳି କିଛି ବହିରୁ ନକଲ କରିବାକୁ ଚେଷ୍ଟା କରନ୍ତୁ ନାହିଁ। ତେଣୁ, ଆପଣମାନଙ୍କୁ ପରାମର୍ଶ ଛଳରେ ଏତିକି କୁହାଯାଇ ପାରିବ ଯେ ପାଠ୍ୟଉପକରଣ ଗୁଡ଼ିକୁ ମନ ଦେଇ ପଢ଼ିବୁଝିବାକୁ ଚେଷ୍ଟା କରନ୍ତୁ ଏବଂ ଯଥା ସମ୍ଭବ ନିଜଭାଷା ଓ ଶୈଳୀରେ ଉତ୍ତର ଲେଖିବାକୁ ଚେଷ୍ଟାକରନ୍ତୁ। ତଦ୍ୱାରା ଆପଣମାନେ ଭଲ ଗ୍ରେଡ୍/ନମ୍ବର ପାଇ ପାରିବେ।

## ଦତ୍ତକର୍ମର ଉଦ୍ଦେଶ୍ୟ:

ମୁକ୍ତ ଓ ଦୂରଶିକ୍ଷା ପାଠ୍ୟକ୍ରମ କ୍ଷେତ୍ରରେ ଦତ୍ତକର୍ମଗୁଡ଼ିକ ନିରବଚ୍ଛିନ୍ନ ମୂଲ୍ୟାୟନ ପ୍ରକ୍ରିୟାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ। ଦତ୍ତକର୍ମଗୁଡ଼ିକରେ ଆପଣମାନେ ଯେଉଁଗ୍ରେଡ୍/ମାର୍କ ଅର୍ଜନ କରି ଥାଆନ୍ତି, ସେସବୁ ଆପଣମାନଙ୍କର ଶେଷ ପର୍ଯ୍ୟାୟ ନିରୂପିତ ଅନ୍ତିମ ପରୀକ୍ଷାରେ ଉତ୍ତର ଫଳାଫଳକୁ ପ୍ରଭାବିତ କରିବ। ଦତ୍ତକର୍ମରେ ଭଲ ଗ୍ରେଡ୍/ମାର୍କ ରଖିଲେ ଆପଣମାନଙ୍କ ମୋଟାମୋଟି ପରୀକ୍ଷା ଫଳ ଖୁବ ଭଲ ହେବ।

ମୁକ୍ତ ଓ ଦୂରଶିକ୍ଷା ପଠନ କ୍ଷେତ୍ରରେ ଦତ୍ତକର୍ମ ଗୋଟିଏ ବେଶ ଗୁରୁତ୍ୱପୂର୍ଣ୍ଣ ଅଂଶ। ଦତ୍ତକର୍ମର ମୂଲ୍ୟାୟନ ପରେ ମୂଲ୍ୟାଳୟନକାରୀଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଧିଷ୍ଟ/ସାଧାରଣ ମନ୍ତବ୍ୟ ସହିତ ସେଗୁଡ଼ିକୁ ଆପଣମାନଙ୍କୁ ଫେରସ୍ତ କରି ଦିଆଯିବ। ଫଳରେ ଆପଣମାନେ ନିଜର ଦୁର୍ବଳତା ଓ ଭଲ ଦିଗଗୁଡ଼ିକ ଜାଣି ପାରିବେ। ତଦ୍ୱାରା ଶିକ୍ଷାର୍ଥୀ ଓ ମୂଲ୍ୟାୟନକାରୀ (ପରାମର୍ଶଦାତା)ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ମଧ୍ୟ ଉତ୍ତମ ହୋଇପାରିବ।

## ଦତ୍ତକର୍ମ ଲେଖିବେ କିପରି ?

୧. ଉତ୍ତରଖାତାର ସର୍ବୋଚ୍ଚ ସ୍ଥାନରେ ଆପଣମାନଙ୍କ ନାମ, ପାଠ୍ୟକ୍ରମର କୋଡ୍, ପାଠ୍ୟକ୍ରମର ନାମ, ନାମଲେଖା କ୍ରମିକସଂଖ୍ୟା, ଶିକ୍ଷାକେନ୍ଦ୍ରର କୋଡ୍ ନମ୍ବର ଉଲ୍ଲେଖ କରିବେ।

୨. ଉତ୍ତରଗୁଡ଼ିକ ନିଜ ହସ୍ତାକ୍ଷରରେ ଲେଖିବେ। ପ୍ରତି ପୃଷ୍ଠାର ବାମ ପାର୍ଶ୍ୱରେ ଏବଂ ପ୍ରତି ଅନୁଚ୍ଛେଦ ପରେ ମୂଲ୍ୟାଙ୍କନକାରୀ ତାଙ୍କ ମନ୍ତବ୍ୟ ଲେଖି ପାରୁଥିବା ଭଳି ଯଥେଷ୍ଟ ସ୍ଥାନ ଖାଲି ରଖିବେ।

୩. ପ୍ରତିଟି ପ୍ରଶ୍ନ ପାଇଁ ନିର୍ଦ୍ଧାରିତ ଶବ୍ଦ ସୀମା ଅତିକ୍ରମ କରିବେ ନାହିଁ।

୪. ଆପଣମାନଙ୍କ ହସ୍ତାକ୍ଷର ସ୍ୱଷ୍ଟ ଏବଂ ପଠନ ଉପଯୋଗୀ ହେବା ବିଧେୟ।

## ଦତ୍ତକର୍ମର ଭୂମିକା:

୧. ପ୍ରତିଟି ଦତ୍ତକର୍ମ ଗୋଟେ ମୂଲ୍ୟାଙ୍କନର ଶତକଡ଼ା ୨୫ ଭାଗ ଗୁରୁତ୍ୱ ବହନ କରିବ ଏବଂ ନିରୂପିତ ଅନ୍ତିମ ପରୀକ୍ଷା ଅବଶିଷ୍ଟ ଶତକଡ଼ା ୭୫ ଭାଗର ଗୁରୁତ୍ୱବହନ କରିବ।

୨. ପ୍ରତିଟି ଦତ୍ତକର୍ମ ୧୦୦ ନମ୍ବର ବିଶିଷ୍ଟହେବ। ମାତ୍ର ଏହା ନିରୂପିତ ଅନ୍ତିମ ପରୀକ୍ଷାର ଶତକଡ଼ା ୨୫ ଭାଗ ଗୁରୁତ୍ୱ ବହନ କରିବ।

୩. ଆପଣମାନଙ୍କୁ ସର୍ବନିମ୍ନ ପାସ୍ ହାରଅର୍ଥାତ୍ ପ୍ରତି ଦତ୍ତକର୍ମରେ ଅନ୍ତତଃ ୪୦ ନମ୍ବର ଅର୍ଜନ କରିବାକୁ ହେବ। ଆପଣମାନେ ଯଦି ଦତ୍ତକର୍ମର ଉତ୍ତର ପ୍ରଦାନ କରିବେ ନାହିଁ କିମ୍ବା ତହିଁରେ ଫେଲ୍ ନମ୍ବର ରଖିବେ, ତେବେ ପରବର୍ତ୍ତୀ ବର୍ଷରେ ଆପଣମାନଙ୍କୁ ଆଉଥରେ ଦତ୍ତକର୍ମର ଉତ୍ତର ଦାଖଲ କରିବାକୁ ହେବ

**MAOD-01: ପ୍ରାକ୍ ସାରଳା ସାହିତ୍ୟ**

**ଦତ୍ତକର୍ମ**

**Session 2018-19**

**ପୂର୍ଣ୍ଣସଂଖ୍ୟା – ୧୦୦**

**(ସମସ୍ତ ବିଭାଗ ବାଧ୍ୟତା ମୂଳକ)**

**ବିଭାଗ - କ**

**୧.ସଂକ୍ଷେପରେ ଲେଖ (ପଚାଶଟି ଶବ୍ଦ ମଧ୍ୟରେ) ।** **[2x5=10]**

କ) ସହଜଯାନ

ଖ) ପଂଚ ମକାର

ଗ) ଜଉଗଡ

ଘ) ଉରଜାମ୍ ଶିଳାଲେଖ

ଙ) ବ୍ରାହ୍ମୀଲିପି

**ବିଭାଗ - ଖ**

**୨. ଯେକୌଣସି ଚାରଟି ବିଷୟରେ ଉତ୍ତର ଲେଖ (ଶହେଟି ଶବ୍ଦ ମଧ୍ୟରେ) ।** **[5x4=20]**

କ) ହାତୀଗୁମ୍ଫା ଶିଳାଲେଖ

ଖ) ଲୁଇପାଦ

ଗ) ଜୟ ବିଜୟ ଶିଳାଲେଖ

ଘ) ଚର୍ଯ୍ୟା ଗୀତିକାର ଛନ୍ଦ

ଙ) ଓଡିଶାରେ ବୌଦ୍ଧ ଧର୍ମ

ଚ) ଓଡିଆ ଲିପିର ବିବର୍ତ୍ତନ

**ବିଭାଗ - ଗ**

**୩.ଯେକୌଣସି ଚାରଟି ବିଷୟରେ ଉତ୍ତର ଲେଖ (ଦୁଇଶହ ଶବ୍ଦ ମଧ୍ୟରେ) ।** **[10x4=40]**

କ) ଚର୍ଯ୍ୟା ଗୀତିକାର ଭାଷାର ବିଶେଷତ୍ୱ କଣ ?

ଖ) ଜଉଗଡ ଶିଳାଲେଖରୁ ତତ୍‌କାଳୀନ ଓଡିଆ ଭାଷାର ସ୍ୱରୂପ ସଂପର୍କରେ ଲେଖ ।

ଗ) ସିସୁବେଦ ଓ ନାଥ ଧର୍ମର ସଂପର୍କ ବିଷୟରେ ଲେଖ।

ଘ) କଳସା ଚଉତିଶାର ସାହିତ୍ୟିକ ମୂଲ୍ୟ ସଂପର୍କରେ ମତାମତ ଦିଅ।

ଙ) ସାନ୍ଧ୍ୟ ଭାଷାର ସାହିତ୍ୟିକ ମୂଲ୍ୟ ବିଚାର କର।

ଚ) ଜୟ ବିଜୟ ଶିଳାଲେଖର ସମକାଳୀନ ସମାଜ ସଂପର୍କରେ ଆଲୋଚନା କର।

**ବିଭାଗ - ଘ**

**୪. ଯେକୌଣସି ଦୁଇଟି ବିଷୟରେ ଉତ୍ତର ଲେଖ (ଚାରିଶହ ଶବ୍ଦ ମଧ୍ୟରେ) ।** **[15x2=30]**

କ) ଅଶୋକଙ୍କ ଶିଳାଲେଖରେ ପ୍ରତିଫଳିତ ସମକାଳୀନ ସମାଜର ସାମାଜିକ ଚିତ୍ର ଆଲୋଚନା କର।

ଖ) ଚର୍ଯ୍ୟା ଗୀତିକାର ସାହିତ୍ୟିକ ମୂଲ୍ୟ ଆଲୋଚନା କରି ଏକ ନିବନ୍ଧ ଲେଖ ।

ଗ) ପାଲି ଓ ପ୍ରାକୃତ ଭାଷା ସହ ଓଡିଆ ଭାଷାର ସଂପର୍କ ବିଚାର କରି ଓଡିଆ ଭାଷାର ବିକାଶ ସଂପର୍କରେ ବିଚାର କର।

***

## MAOD-02: ସାରଳା ଓ ପଂଚସଖା ସାହିତ୍ୟ

## ଦତ୍ତକର୍ମ

## Session 2018-19

ପୂର୍ଣ୍ଣସଂଖ୍ୟା – ୧୦୦

(ସମସ୍ତ ବିଭାଗ ବାଧ୍ୟତା ମୂଳକ)

### ବିଭାଗ - କ

**୧.ସଂକ୍ଷେପରେ ଲେଖ (ପଚାଶଟି ଶବ୍ଦ ମଧ୍ୟରେ) ।** **[2x5=10]**

କ) ମୌଖିକ ସାହିତ୍ୟ

ଖ) ଜ୍ଞାନମିଶ୍ରା ଭକ୍ତି

ଗ) ପୋଇ

ଘ) ଶାକ୍ତ ଧର୍ମ

ଙ) ଜୟ ବା ଭାରତ

### ବିଭାଗ - ଖ

**୨. ଯେକୌଣସି ଚାରଟି ବିଷୟରେ ଉତ୍ତର ଲେଖ (ଶହେଟି ଶବ୍ଦ ମଧ୍ୟରେ) ।** **[5x4=20]**

କ) ଓଡିଶାରେ ସଂସ୍କୃତ ସାହିତ୍ୟର ଧାରା

ଖ) ଯଶୋବନ୍ତ ଦାସ

ଗ) ଷୋଡଶାର ଲକ୍ଷଣ

ଘ)କୋଇଲିର ବୈଶିଷ୍ଟ୍ୟ

ଙ) ଚଉତିଶାର ପ୍ରକାରଭେଦ

ଚ) କବି କର୍ଣ୍ଣ ଦାସ

### ବିଭାଗ - ଗ

**୩. ଯେକୌଣସି ଚାରଟି ବିଷୟରେ ଉତ୍ତର ଲେଖ (ଦୁଇଶହ ଶବ୍ଦ ମଧ୍ୟରେ)** **[10x4=40]**

କ) ପଂଚଦଶ ଶତାବ୍ଦୀରେ ଓଡିଶାର ରାଜନୀତିକ ପୃଷ୍ଠଭୂମି ବିଷୟରେ ଲେଖ ।

ଖ) ଚଉତିଶା ଓ କୋଇଲି ମଧ୍ୟରେ ଥିବା ପାର୍ଥକ୍ୟ ଦର୍ଶାଅ ।

ଗ) ପୋଇ ସାହିତ୍ୟର ବିକାଶଧାରା ସଂପର୍କରେ ଲେଖ ।

ଘ) ଶୂନ୍ୟସଂହିତାର କବିଙ୍କ ଧର୍ମବିଷୟରେ ଆଲୋଚନା କର ।

ଙ) ସାରଳା ଦାସଙ୍କ ବର୍ଣ୍ଣନାଚାତୁରୀ ସଂପର୍କରେ ପଠିତାଂଶ ଅବଲମ୍ବନରେ ଉଲ୍ଲେଖ କର।

ଚ) କେଶବ କୋଇଲିର ସାହିତ୍ୟିକ ଆବେଦନ ବିଚାର କର ।

### ବିଭାଗ - ଘ

**୪. ଯେକୌଣସି ଦୁଇଟି ବିଷୟରେ ଉତ୍ତର ଲେଖ (ଚାରିଶହ ଶବ୍ଦ ମଧ୍ୟରେ)** **[15x2=30]**

କ) ସାରଳା ଓ ପଂଚସଖା ସାହିତ୍ୟକୁ ସେକାଳର ଧାର୍ମିକ ପୃଷ୍ଠଭୂମି କିପରି ପ୍ରଭାବିତ କରିଥିଲା ଆଲୋଚନା କର।

ଖ) ଜଗନ୍ନାଥ ଦାସଙ୍କ ଭାଗବତର ସାମାଜିକ ଓ ସାହିତ୍ୟିକ ମୂଲ୍ୟ ଆକଳନ କର।

ଗ) ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ଓଡିଆ ସାମାଜିକ ଜୀବନର ନିୟାମକ – ଉକ୍ତିଟିର ଯାଥାର୍ଥ୍ୟ ବିଚାର କର।

***

# MAOD-03: ମଧ୍ୟଯୁଗୀୟ ଓଡିଆ ସାହିତ୍ୟ

## ଦତ୍ତକର୍ମ

## Session 2018-19

**ପୂର୍ଣ୍ଣସଂଖ୍ୟା – ୧୦୦**

**(ସମସ୍ତ ବିଭାଗ ବାଧ୍ୟତାମୂଳକ)**

### ବିଭାଗ - କ

**୧.ସଂକ୍ଷେପରେ ଲେଖ (ପଚାଶଟି ଶବ୍ଦ ମଧ୍ୟରେ) ।** **[2x5=10]**

କ) ରାମାନୁଜ

ଖ) ଗୀତଗୋବିନ୍ଦ

ଗ) ପିଣ୍ଡ ବ୍ରହ୍ମାଣ୍ଡବାଦ

ଘ) ନୃସିଂହ ପୁରାଣର ଶ୍ଳୋକ ଓ ଅଧ୍ୟାୟ ସଂଖ୍ୟା

ଙ) ସମର କାବ୍ୟ

### ବିଭାଗ - ଖ

**୨. ଯେକୌଣସି ଚାରଟି ବିଷୟରେ ଉତ୍ତର ଲେଖ (ଶହେଟି ଶବ୍ଦ ମଧ୍ୟରେ) ।** **[5x4=20]**

କ) ନବଧାଭକ୍ତି

ଖ) ଷଡଚକ୍ରସାଧନା

ଗ) ମୁରାସୁରର ଜନ୍ମବୃତ୍ତାନ୍ତ

ଘ) ମାଧବୀ ଦାସୀ

ଙ) ବୃନ୍ଦାବତୀ ଦାସୀ

ଚ) ଓଡିଆ ମଧ୍ୟଯୁଗୀୟ ସାହିତ୍ୟରେ ସଂଗୀତ ଚର୍ଚ୍ଚା

### ବିଭାଗ - ଗ

**୩. ଯେକୌଣସି ଚାରଟି ବିଷୟରେ ଉତ୍ତର ଲେଖ (ଦୁଇଶହ ଶବ୍ଦ ମଧ୍ୟରେ) ।** **[10x4=40]**

କ) ଶୂନ୍ୟତତ୍ତ୍ୱ ଓ ଶୂନ୍ୟପୁରୁଷ ସଂପର୍କରେ ଆଲୋଚନା କର।

ଖ) ରାଧାଙ୍କ ଜନ୍ମ ସଂପର୍କରେ କବି ଯଶୋବନ୍ତଙ୍କ ମତ ଉଲ୍ଲେଖ କର।

ଗ) ନୃସିଂହ ପୁରାଣର ବିଶେଷତ୍ୱ କଣ ?

ଘ) ଓଡିଆ ମଧ୍ୟଯୁଗୀୟ ସାହିତ୍ୟର ସାହିତ୍ୟିକ ପୃଷ୍ଠଭୂମି ସଂପର୍କରେ ଲେଖ।

ଙ) ଦେବ ଦୁର୍ଲ୍ଲଭ ଦାସଙ୍କ ଧର୍ମମତ ଆଲୋଚମନା କର।

ଚ) ସମର ତରଙ୍ଗରେ ବର୍ଣ୍ଣିତ ପ୍ରାଚୀନ ଯୁଦ୍ଧ ସାମଗ୍ରୀ ଓ କୌଶଳ ବିଷୟରେ ଲେଖ ।

### ବିଭାଗ - ଘ

**୪. ଯେକୌଣସି ଦୁଇଟି ବିଷୟରେ ଉତ୍ତର ଲେଖ ( ଚାରିଶହ ଶବ୍ଦ ମଧ୍ୟରେ) ।** **[15x2=30]**

କ) ଓଡିଆ ସନ୍ଥ ସାହିତ୍ୟର ବିଶେଷତା ଓ ପ୍ରମୁଖ ଗୁଣ  ନିର୍ଣ୍ଣୟ କର ।

ଖ) ଓଡିଆ ପଂଚ ପୁରାଣକାରଙ୍କ ସଂପର୍କରେ ଏକ ନିବନ୍ଧ ଲେଖ।

ଗ) କବି ଉପେନ୍ଦ୍ର ଭଞ୍ଜଙ୍କ ବର୍ଣ୍ଣନା ଚାତୁରୀ, କବିତ୍ୱ ଓ ଅଳଙ୍କାର ପ୍ରୟୋଗରେ ନିପୁଣତା ପଠିତ ଅଂଶ ଅବଲମ୍ବନରେ ଆଲୋଚନାକର ।

***

## MAOD-04: ଭାରତୀୟ କାବ୍ୟତତ୍ତ୍ୱ

## ଦତ୍ତକର୍ମ

## Session 2018-19

ପୂର୍ଣ୍ଣସଂଖ୍ୟା – ୧୦୦

(ସମସ୍ତବିଭାଗବାଧ୍ୟତାମୂଳକ)

### ବିଭାଗ - କ

**୧.ସଂକ୍ଷେପରେ ଲେଖ (ପଚାଶଟି ଶବ୍ଦ ମଧ୍ୟରେ) ।** **[2x5=10]**

କ) ସ୍ଥାୟୀ ଭାବ

ଖ) ଆନନ୍ଦବର୍ଦ୍ଧନ

ଗ) ବର୍ଣ୍ଣ ବିନ୍ୟାସ ବକ୍ରତା

ଘ) ଅର୍ଥାଳଙ୍କାର

ଙ) ଉପମା ବାଚକ ଶବ୍ଦ

### ବିଭାଗ - ଖ

**୨.ଯେକୌଣସି ଚାରଟି ବିଷୟରେ ଉତ୍ତର ଲେଖ (ଶହେଟି ଶବ୍ଦ ମଧ୍ୟରେ) ।** **[5x4=20]**

କ) ବୀର ରସ

ଖ) ଧ୍ୱନିକାବ୍ୟ

ଗ) ବକ୍ରୋକ୍ତି କାବ୍ୟ ଜୀବିତମ୍

ଘ) ଛନ୍ଦ ଓ ଛାନ୍ଦ

ଙ) ଉପମା ଓ ରୂପକ ମଧ୍ୟରେ ପାର୍ଥକ୍ୟ

ଚ) ଉତ୍‌ପ୍ରେକ୍ଷାର ପ୍ରକାରଭେଦ

### ବିଭାଗ - ଗ

**୩. ଯେକୌଣସି ଚାରଟି ବିଷୟରେ ଉତ୍ତର ଲେଖ (ଦୁଇଶହ ଶବ୍ଦ ମଧ୍ୟରେ) ।** **[10x4=40]**

କ) ରସ ନିଷ୍ପତ୍ତିର ସୂତ୍ର ଉଦାହରଣ ସହ ବୁଝାଅ ।

ଖ) ରୀତିର ପ୍ରକାରଭେଦ ଲେଖ ।

ଗ) ରୀତି ଓ ଗୁଣର ସଂପର୍କ ଆଲୋଚନା କର ।

ଘ) କାବ୍ୟରେ ଔଚିତ୍ୟର ସ୍ୱରୂପ ଓ ଆବଶ୍ୟକତା ଦର୍ଶାଅ ।

ଙ) ଓଡିଆଛନ୍ଦର ପ୍ରକାରଭେଦ ବିଷୟରେ ଉଲ୍ଲେଖ କର ।

ଚ) ବିଭିନ୍ନ ପ୍ରକାରର ଯଉଳ ଅଳଙ୍କାରର ଉଦାହରଣ ଦିଅ ।

### ବିଭାଗ - ଘ

**୪. ଯେକୌଣସି ଦୁଇଟି ବିଷୟରେ ଉତ୍ତର ଲେଖ (ଚାରିଶହ ଶବ୍ଦ ମଧ୍ୟରେ)** **[15x2=30]**

କ) ଓଡିଆ କାବ୍ୟରେ ଧ୍ୱନିର ପ୍ରକାରଭେଦ କିପରି ପ୍ରତିଫଳିତ ଉଦାହରଣ ସହ ଆଲୋଚନା କର ।

ଖ) ବକ୍ରୋକ୍ତିର ସ୍ୱରୂପ ଦର୍ଶାଇ ଏହାର ପ୍ରକାରଭେଦ ସଂପର୍କରେ ଲେଖ ।

ଗ) ଓଡିଆ ଛନ୍ଦର ଗଠନ ରୀତିବିଷୟରେ ଏକ ନିବନ୍ଧ ଲେଖ ।

***